ଏପିସୋଡ ୨୯

# ମୁହଁ ବୁଲାଇ ନିଅନାହିଁ

ମୂଳ ଲେଖା: ଅନୁରାଗ ଶର୍ମା

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

କବି  ସାହିତ୍ୟିକ (୫୦ ବର୍ଷ)

ଉମା   ବନ୍ୟଜନ୍ତୁ ବୈଜ୍ଞାନିକ

ସାରିକା       ଉମାଙ୍କ ସହକାରୀ, ଜଳବାୟୁ ବିଶାରଦ

ସୋଫିଆ ଉମାଙ୍କ ସହକାରୀ, ପାଣିପାଦ ବିଶାରଦ

(ସକାଳ ସମୟ, କପ୍ ପ୍ଲେଟର ଶବ୍ଦ)

କବି: ଉମା, ଚା ବଢ଼ିଆ ହେଇଛି। ମୋ ନୂଆ ଉପନ୍ୟାସ ଆରମ୍ଭ ହେବା ଖୁସିରେ ଏଭଳି କରିଛ ନା ତମ ସହକାରୀ ସାରିକା ଆଉ ସୋଫିଆ ଆସିବେ ବୋଲି ଅଭ୍ୟାସ କରୁଛ। (ହସୁଛନ୍ତି)

ଉମା: ଚା ମୁଁ ତିଆରି କରିନାହିଁ। ମାନି କରିଛି। ତାକୁ ତ ରୋଷେଇ ବାସନ ଧୁଆରୁ ଫୁରସତ ନାହିଁ, ସେ କେମିତି ତମ ଉପନ୍ୟାସ ପଢ଼ିବ ଯେ ଜାଣିବ।

କବି: କି ଦୁଃଖର କଥା, ମୁଁ ତମମାନଙ୍କ ପାଇଁ ଲେଖୁଛି ଆଉ ତମମାନଙ୍କର

ମୋ ଉପନ୍ୟାସ ପ୍ରତି ଟିକିଏ ବି ଆଗ୍ରହ ନାହିଁ। ଆଉ ହିନ୍ଦୀ, ସମାଜ ଉପରେ ବହୁତ ଆଲୋଚନା...

ଉମା: ଯଦି ତମେ ହିନ୍ଦୀ ସହିତ ବିଜ୍ଞାନ ନେଇଥାନ୍ତ ତାହେଲେ ସବୁ କଥା ତର୍କ ଆଉ ବିଜ୍ଞାନର ପରୀକ୍ଷା ଉପରେ ଆଧାରିତ ହୋଇଥାନ୍ତା...

କବି: ତମେ ତ ଜଣେ ବନ୍ୟପ୍ରାଣୀ ବୈଜ୍ଞାନିକ ଆଉ ସବୁବେଳେ ବିଜ୍ଞାନ ସହ ଯୋଡ଼ି ହୋଇ ରହିଛ। ବିଜ୍ଞାନ ହେଉ କି ସାହିତ୍ୟ, ଲୋକମାନେ ତ ସେଇ ଏକା ସମାଜର... ଯଦି ସମାଜର ଦୃଷ୍ଟିକୋଣ ଠିକ ଥିବ ତାହେଲେ ସବୁ ପ୍ରକାର ଗବେଷଣା ଠିକ ଦିଗରେ ଯିବ...

ଉମା: ତମେ ସବୁବେଳେ ମଣିଷର ସବୁ ସଫଳତାକୁ ସମାଜର ଦାନ ବା ବିକୃତିକରଣ ବୋଲି ପ୍ରମାଣ କରିଦିଅ। କିନ୍ତୁ ବିଜ୍ଞାନର ଦାନକୁ ଅଗ୍ରାହ୍ୟ କରିବାର ଦକ୍ଷତାକୁ ମୁଁ ନିଶ୍ଚୟ ପ୍ରଶଂସା କରିବି...

କବି: ଆରେ, ମୁଁ ତମ ବିଜ୍ଞାନର ଜ୍ଞାନକୁ ବି ପ୍ରଶଂସା କରୁଛି... ଆମର ସ୍ୱପ୍ନ ପୂରଣ କରିବା ପାଇଁ ଆମେ ପୃଥିବୀର ଦୋହନ କରିଛେ। ଏବେ ପୃଥିବୀ ମଣିଷ ସମାଜର ଶତ୍ରୁ ହୋଇଯାଇଛି।

ଉମା: ଉଁ... ଏ ବିଷୟରେ ମୁଁ ତମ ସହ ଏକମତ । କିନ୍ତୁ ଦୋଷ କେବଳ ବିଜ୍ଞାନର ନୁହେଁ। ମୁଖ୍ୟ ଦୋଷୀ ହେଉଛି ମଣିଷ ସମାଜର ଲୋଭ। ଆଉ ଏଥିପାଇଁ ତମ ଭଳି ସାହିତ୍ୟିକମାନେ କାମ କରିବା...

କବି: ଆମକୁ କାମ କରିବାକୁ ହେବ? ଉମା, ଆମେ ସବୁ ଜିନିଷକୁ ଯେଭଳି ଦେଖୁ ସେଭଳି ଦେଖାଇବାକୁ ହେବ, ମଣିଷ ଏବଂ ସମାଜର କାହାଣୀ

କହିବାକୁ ହେବ... ବାସ୍ତବରେ ଆମେ ସମାଜକୁ ଦର୍ପଣ ଦେଖାଉ...

ଉମା: ହଁ... ଆଉ ବିଶ୍ୱ ଉଷ୍ମାୟନର ଦାୟିତ୍ୱକୁ ବିଜ୍ଞାନ ଉପରେ ଛାଡ଼ିଦିଅ ... ଠିକ??

କବି: ହଁ ଠିକ ସେହିଭଳି.. ହଉ ଛାଡ଼, ଅଣ୍ଡା ତ ଏଥର ସବୁ ରେକର୍ଡ ଭାଙ୍ଗିଦେଲା, ଆଉ ତମେ କହୁଛ ବିଶ୍ୱ ଉଷ୍ମାୟନ...

ଉମା: ତା ମାନେ ବିଖ୍ୟାତ ସାହିତ୍ୟିକ ବିଶ୍ୱ ଉଷ୍ମାୟନର ପ୍ରମାଣକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି...

କବି: ବିଖ୍ୟାତ ବନ୍ୟପ୍ରାଣୀ ବୈଜ୍ଞାନିକ ଉମା ମ୍ୟାଡାମ, ବିଶ୍ୱ ଉଷ୍ମାୟନ ମୋ ମତରେ ଜଣେ ବୈଜ୍ଞାନିକ ତାଙ୍କ ତତ୍ତ୍ୱକୁ ବଳିଷ୍ଠ କରିବା ପାଇଁ ଏକାଠି କରିଥିବା ପ୍ରମାଣ। ଭାବୁଛି ଗୋଟିଏ ପ୍ରବନ୍ଧ ଲେଖିବି - ବିଶ୍ୱ ଉଷ୍ମାୟନ, ବିଜ୍ଞାନ...

(ଦୁଆର ଘଣ୍ଟି ବାଜିବା)

କବି: ମନେହେଉଛି ତମ ସାଙ୍ଗ ସାରିକା ଆଉ ସୋଫିଆ ଆସିଗଲେ। ଯାଉଛି କବାଟ ଖୋଲିଦେବି...

(ଦୁଆର ଖୋଲିବାର ଶବ୍ଦ)

କବି: ନମସ୍କାର ସାରିକା ମ୍ୟାଡାମ, ସୋଫିଆ ମ୍ୟାଡାମ।

ଉଭୟ:ନମସ୍କାର କବି ବାବୁ।

କବି: ଆମେ ଆପଣମାନଙ୍କୁ ଅପେକ୍ଷା କରିଥିଲୁ। ଆସନ୍ତୁ... ଆସନ୍ତୁ...

ଉମା: ଆସନ୍ତୁ, ଆପଣ ଦୁଇଜଣ ଆଜି ଠିକ ସମୟରେ ଆସିଛନ୍ତି। ଗତଥର ଆପଣମାନେ ସକାଳେ ଆସିବା କଥା ଆଉ ଏକାଠି ଦିପହରେ ଖାଇବାର ଥିଲା, କିନ୍ତୁ ଆମର ରାତି ଖାଇବା ବେଳେ ଦେଖାହେଲା... (ହସୁଛନ୍ତି)

ସାରିକା: ଗତଥର ଆମେ ଖାଲି ଏମିତି ଭେଟୁଥିଲେ। ଏଥର କିନ୍ତୁ ଗୋଟିଏ ଉଦ୍ଦେଶ୍ୟ ଅଛି, ସେଥିପାଇଁ ଆମେ ସମୟରେ ଆସିଛୁ...

କବି: ଆପଣମାନେ କାମ କରନ୍ତୁ, ମୁଁ ସମସ୍ତଙ୍କ ପାଇଁ କଫି ତିଆରି କରି ଆଣୁଛି...

ସମସ୍ତେ: ଆରେ ବାଃ ବଢ଼ିଆ...

ସୋଫିଆ: ଉମା, ଗତଥର ସେ ଆମ ପାଇଁ ରୋଷେଇ ବି କରିଥିଲେ। ବିଶ୍ୱବିଦ୍ୟାଳୟରେ ବୋଧେ ବିଶେଷ କାମ ନାହିଁ...(ହସୁଛନ୍ତି)

କବି: ଡ. ସୋଫିଆ, ମୁଁ ମୋ କାମରୁ ମଜା ପାଉଛି... (ହସୁଛନ୍ତି)

ସାରିକା: ଡ. କୃଷ୍ଣ, ଆପଣ ଆପଣଙ୍କ କାମରୁ ଖୁସି ପାଆନ୍ତୁ, ଆମେ ସେଥିରେ ଖୁସି... (ହସ)

କବିମୁଁ ଏବେ କଫି ଆଣୁଛି...

ଉମା: କି ଗୁରୁତ୍ୱପୂର୍ଣ୍ଣ କାମ ଅଛି?

ସୋଫିଆ: ଉମା, ମୋର ଜଣେ ଛାତ୍ରର ନିବନ୍ଧ ଆନ୍ତର୍ଜାତିକ ପରିବେଶ ପତ୍ରିକାରେ ପ୍ରକାଶ ପାଇଛି। ମୁଁ ଆପଣଙ୍କୁ ଦେଖାଇବାକୁ ଚାହୁଁଛି...

ଉମା: ଆରେ ବାଃ ବହୁତ ବହୁତ ଅଭିନନ୍ଦନ। ଏହା ପ୍ରଭାବ କାରିକା ୪ ଯୋଗୁ...

ସାରିକା: ହଁ...

କବି: (ଭିତରୁ) ଏ ପ୍ରଭାବ କାରିକା କ'ଣ?

ସାରିକା: ତା ମାନେ ଆପଣ ସବୁ ଶୁଣୁଛନ୍ତି...

ସୋଫିଆ: ଡ. କବି, ଆପଣ ଜାଣନ୍ତି, ପ୍ରଭାବ କାରିକା ଯେତେ ଅଧିକ ହେବ, ପତ୍ରିକାଟି ସେତେ ପ୍ରଭାବଶାଳୀ। ଆଉ ଆପଣଙ୍କ ଗବେଷଣା ନିବନ୍ଧ ସେତିକି ଉନ୍ନତମାନର ବୋଲି ଗ୍ରହଣ କରାଯିବ। ଆପଣଙ୍କ କାମ ବି ବୈଜ୍ଞାନିକ ସମାଜରେ ଗ୍ରହଣ କରାଯିବ।

କବି: (ଭିତରକୁ ଆସି) ସେଠାରୁ ଶୁଣାଯାଉ ନାହିଁ ସୋଫିଆ... ଏବେ ମତେ କୁହନ୍ତୁ...ଗବେଷଣା ନିବନ୍ଧଟି ଯଦି ପ୍ରଭାବ କାରିକା ୨ରୁ ଅଧିକ ଥିବା ପତ୍ରିକାରେ ପ୍ରକାଶ ପାଇଲା ତେବେ ତାହା କେତେ ମୌଳିକ ଏବଂ ବଦଳାଯାଇଛି ? ଏମିତି ବି ସମ୍ଭାବନା ଅଛି ଯେ ଗୋଟିଏ ଭଲ ଗବେଷଣା ନିବନ୍ଧ କମ୍ ପ୍ରଭାବକାରିକା ଥିବା ପତ୍ରିକାରେ ପ୍ରକାଶ ପାଇବ।

ସାରିକା: ଏମିତି ହୋଇପାରେ, ନିଶ୍ଚୟ।

ଉମା: ସକାଳୁ ତାଙ୍କର ସାହିତ୍ୟ ବିଜ୍ଞାନ କରୁଥିବା ଗବେଷଣା ଉପରେ ପ୍ରଶ୍ନ ଉଠେଇ ଚାଲିଛି। ସାହିତ୍ୟ ଆଉ ବିଜ୍ଞାନର ଝଗଡ଼ା ତ ଏବେ ପୁରୁଣା। ତେବେ ଛାଡ଼, ସୋଫିଆଙ୍କ ନିବନ୍ଧର ବିଷୟବସ୍ତୁ କ'ଣ?

ସୋଫିଆ:   ବିଶ୍ୱ ଉଷ୍ମାୟନର ପ୍ରମାଣ

ଉମା: ବିଶ୍ୱ ଉଷ୍ମାୟନର ପ୍ରମାଣ... ଏବଂ ଡ. କବି କୁହନ୍ତୁ।

କବି: ଏଇଠି କଫି ରହିଲା ଆଉ ବିଷୟ ମୋ ଆଗ୍ରହର। ଡ. ସୋଫିଆ ଆମେ ସତରେ କିଛି ପ୍ରମାଣ ପାଉଛେ ନା ଏଠୁ ସେଠୁ ସଂଗ୍ରହ କରୁଛେ, ତାହେଲେ ଆମେ ଆମ ବିଷୟର ସତ୍ୟତା ପ୍ରତିପାଦନ କରିପାରିବା।

ଉମା: ଦେଖିଲେ ତ ଆମ ବିଜ୍ଞାନ ଗବେଷଣା ଉପରେ କେତେ ବଡ଼ ଅପବାଦ ଦେଉଛନ୍ତି...

ସାରିକା:  ଡ. କବି, ଏବେ ପ୍ରମାଣ ସବୁ ପୁରୁଣା ମୂଲ୍ୟାୟନକୁ ବଳିଷ୍ଠ କରୁଛି।

କବି:  ଯେମିତିକି?

ସୋଫିଆ:   ଆପଣ ଜାଣିଛନ୍ତି ଯେ ବିଶ୍ୱ ଉଷ୍ମାୟନ ଯୋଗୁ ସବୁଜକୋଠରୀ ବାଷ୍ପର ପରିମାଣ ବାୟୁମଣ୍ଡଳରେ ବଢୁଛି, ଯାହା ଫଳରେ ପୃଥିବୀର ତାପମାତ୍ରା ବଢୁଛି। ହେଉଛି କ'ଣ, ଜଳବାୟୁ ପରିବର୍ତ୍ତନ ହେଉଛି ଆଉ ସମୁଦ୍ର ପତନ ବଢୁଛି।

କବି:  ହଁ ତା ମୁଁ ଜାଣେ। ଜୈବବିବିଧତା ଉପରେ ସଂକଟ ଆସିଛି। ବର୍ଷାର ଚକ୍ର ବଦଳୁଥିବାରୁ ଶସ୍ୟର ଚକ୍ର ବି ବଦଳାଇବାକୁ ହେବ। ଏସବୁ ସତ୍ତ୍ୱେ ଆମ ସାମନାରେ ଯେଉଁ ସଂକଟ ଆସିଛି ତା'ର ସବୁଠାରୁ ବଳିଷ୍ଠ ପ୍ରମାଣ କ'ଣ?

ସାରିକା:  କବିବାବୁ, ମଣିଷର କ୍ରିୟାକଳାପ ହିଁ ବିଶ୍ୱ ଉଷ୍ମାୟନ ପାଇଁ ଦାୟୀ। ଏହି କାରଣରୁ ଆମେ ମେଲୋମିସ୍ ନାମକ ଗୋଟିଏ ସ୍ତନ୍ୟପାୟୀ

ପ୍ରାଣୀକୁ ହରାଇ ସାରିଛୁ।

କବି: ମେଲୋମିସ୍? ମୁଁ ତ କେବେ ଏହାର ନାଁ ଶୁଣି ନ ଥିଲି । ଆଉ ଆମ କ୍ରିୟାକଳାପ ଯୋଗୁ ଏହା କିପରି ଲୋପ ପାଇଗଲା?

ଉମା: ଏହା ମୂଷାର ଗୋଟିଏ ପ୍ରଜାତି। ଅଷ୍ଟ୍ରେଲିଆର ଗ୍ରେଟ ବ୍ୟାରିଅର୍ ରିଫ୍ ପାଖରେ ଥିବା ଗୋଟିଏ ଛୋଟ ଦ୍ୱୀପରେ ଏହା ରହୁଥିଲା। ମଣିଷର କ୍ରିୟାକଳାପ ଯୋଗୁ ଏହା ଲୋପ ପାଇଗଲା।

କବି: ନାଇଁ ମ ସେ କୋଉ ଗାତରେ ଲୁଚି ଯାଇଥିବ...

ସୋଫିଆ: ସେଇଆ ହିଁ ହେଲା । ସମୁଦ୍ର ପତନ ବଢ଼ିବାରୁ ତା ଗାତରେ ପାଣି ପଶିଗଲା, ତା ଆବାସ ନଷ୍ଟ ହୋଇଗଲା...

ସାରିକା: ଆପଣ ଜାଣନ୍ତି ଡ. କବି, ଏମାନେ ଯୋଉଁ ଗାତ କରନ୍ତି, ତା'ର ଉଚ୍ଚତାରୁ ଲୋକମାନେ ବୃଷ୍ଟିପାତର ପରିମାଣ ଜାଣିପାରନ୍ତି। ଏବେ କିନ୍ତୁ ଏହାର ଘର ଆଉ ପ୍ରଜନନ ଅଞ୍ଚଳ ସବୁ ନଷ୍ଟ

କବି: ଓହ!! ତା ମାନେ ସଂକଟ ସତରେ ଗୁରୁତର...

ଉମା: ନିଶ୍ଚିତ ଭାବରେ। ଏବେ ଡ. ସୋଫିଆଙ୍କ ନିବନ୍ଧ ଦେଖିବା ଆଉ ଆଲୋଚନା ଜାରି ରଖିବା।

ସୋଫିଆ: ଠିକ ଅଛି ଡ. ଉମା। ପ୍ରଥମେ ଆମେ ଉପକୂଳ ଅଞ୍ଚଳ ଗବେଷଣା କଲୁ। ଡ. କବି ଆପଣ ଜାଣନ୍ତି ଉପକୂଳ ଅଞ୍ଚଳରେ ସମୁଦ୍ର ଆଉ ସ୍ଥଳଭାଗ ମିଶିଥାଏ ଆଉ ଏହା ଅନନ୍ୟ କାରଣ ଏଗୁଡ଼ିକ ସ୍ଥଳଭାଗ, ସମୁଦ୍ର ଆଉ ବାୟୁମଣ୍ଡଳ ଦ୍ୱାରା ପ୍ରଭାବିତ ହୁଏ।

ସାରିକା:  ବହୁତ ଭଲ କହିଲ ସୋଫିଆ। ଏମାନେ ଅନେକ ପ୍ରାକୃତିକ ଦୃଶ୍ୟ ସୃଷ୍ଟି କରିଥାଏ ଏବଂ ଏକ ବ୍ୟାପକ ଅଞ୍ଚଳରେ ପ୍ରସାରିତ ହୋଇଥାଏ। ଅନେକ ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କୁ ପ୍ରାକୃତିକ ଆବାସସ୍ଥଳୀ ଯୋଗାଇଥାଏ। ସ୍ଥଳଭାଗ, ସାମୁଦ୍ରିକ ଏବଂ ବାୟୁମଣ୍ଡଳୀୟ କାରକ ସବୁ ଏକାଠି ମିଶି ଏହି ଆବାସସ୍ଥଳୀକୁ ଏକ ସୁନ୍ଦର ପରିସ୍ଥିତିକୀ ରେ ପରିଣତ କରିଥାଏ।

ଉମା:  ଦେଖ, ଅଧିକାଂଶ ଉପକୂଳ ଅଞ୍ଚଳ ଏବେ ମାନବ କ୍ରିୟା ଯୋଗୁ ପ୍ରଭାବିତ। ଅନେକ ଅଞ୍ଚଳରେ ବଡ଼ ବଡ଼ ବନ୍ଦର ତିଆରି ହୋଇଛି , ୨୦୦୭ ମସିହାର ଏକ ଆକଳନ ଅନୁସାରେ ପୃଥିବୀର ୫୦୦ କୋଟି ଲୋକ, ୩୯ଟି ବଡ଼ସହର, ସମୁଦ୍ର ଉପକୂଳର ୧୦୦ କିଲୋମିଟର ଭିତରେ ଅବସ୍ଥିତ। ଏଥିରେ ୧୨ଟି ସହର ରହିଛି ଯାହାର ଲୋକସଂଖ୍ୟା ଏକ କୋଟିରୁ ବି ଅଧିକ।

କବି:  ତମେ ମତେ ଏତେ ସବିସ୍ତାର କାହିଁକି ବୁଝଉଛ ? ମୁଁ ଅନ୍ତତଃ ଏତିକି ଜାଣିଛି। ମୁଁ ଯାହା ଜାଣିଛି କହିବି। ଦୁଇ ଶତାବ୍ଦୀ ଆଗେ ଶିଳ୍ପ ବିପ୍ଳବ ଯୋଗୁ ଜଙ୍ଗଲ କଟା ହେଲା ଏବଂ ଜୀବାଶ୍ମ ଇନ୍ଧନ ଜଳାଗଲା। ହଠାତ, ତା ପରଠାରୁ ଏହି କ୍ରିୟା ବଢ଼ିଚାଲିଲା...ଏଥିଯୋଗୁ, ଅଙ୍ଗାରକାମ୍ଳ, ମିଥେନ ଭଳି ସବୁଜକୋଠରୀ ବାଷ୍ପର ପରିମାଣ ବାୟୁମଣ୍ଡଳରେ ପ୍ରଚୁର ବଢ଼ିଯାଇଛି। ଏହା ଯୋଗୁ ସାରା ବିଶ୍ୱର ତାପମାତ୍ରା ବଢୁଛି ଏବଂ ଜଳବାୟୁକୁ ପ୍ରଭାବିତ କରୁଛି।

ସୋଫିଆ:   ଆପଣଙ୍କ ଜ୍ଞାନ ବିଷୟରେ ଆମେ ନିଶ୍ଚିତ ଭାବରେ ଜାଣିଛୁ ।

କିନ୍ତୁ ଆମକୁ ବୈଜ୍ଞାନିକ ପଦ୍ଧତିକୁ ବିଶ୍ୱାସ କରିବାକୁ ହେବ ଏବଂ ତା ଉପରେ ନିର୍ଭର କରିବାକୁ ହେବ।

କବି: ଧନ୍ୟବାଦ ସୋଫିଆ। ମୁଁ ଆଉ ଟିକିଏ ବୁଝେଇ କହେ, ତାହେଲେ ଆପଣ ଆଉ କିଛି ପ୍ରମାଣ ବିଷୟରେ କହିବେ। ଶିଳ୍ପ ବିପ୍ଳବ ଆଗରୁ ପ୍ରାୟ ଦଶ ହଜାର ବର୍ଷ ଆଗେ ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ପ୍ରାୟ ୨୮୦ ପିପିଏମ ବା ପୋର୍ସନ୍ ପର୍ ମିଲିଅନ ଥିଲା। ୨୦୦୦ରୁ ୨୦୦୯ ଭିତରେ, ପ୍ରତି ବର୍ଷ ୨ ପିପିଏମ ବଢୁଛି ଏବଂ ଏବେ ରହିଛି ୩୯୫ ପିପିଏମ। ଗତ ଶତାବ୍ଦୀରେ ବିଶ୍ୱର ହାରାହାରି ତାପମାତ୍ରା ୦.୬ରୁ ୦.୯ ଡିଗ୍ରୀ ବଢ଼ିଛି।

ଉମା: ତମେ କହିଲ ଯେ ଗତ ପଚାଶ ବର୍ଷ ଭିତରେ ତାପମାତ୍ରା ବଢ଼ିବାର ହାର ଦୁଇଗୁଣ ହୋଇଯାଇଛି। ତାପମାତ୍ରା ବଢ଼ିବାର ଏହି ହାର ବହୁତ କମ୍ ମନେହେଉଛି, କିନ୍ତୁ ମନେରଖିବା ଯେ ତାପମାତ୍ରା ସାମାନ୍ୟ ବଢ଼ିବା ବି ବହୁତ କ୍ଷତିକାରକ ହୋଇପାରେ। ହେଉଛି ବି।

ସୋଫିଆ: ବିଶ୍ୱ ଉଷ୍ମାୟନ ଯୋଗୁ ମେରୁ ଅଞ୍ଚଳର ବରଫ ତରଳୁଛି। କାରଣ ବିଶ୍ୱର ଅନ୍ୟ ଅଞ୍ଚଳ ତୁଳନାରେ ମେରୁରେ ତାପମାତ୍ରା ବଢ଼ିବା ହାର ଅଧିକ। ଯେତେବେଳେ ତୁଷାରପାତ ଠାରୁ ବରଫ ତରଳିବା ଅଧିକ ହୁଏ, ସେତେବେଳେ ହିମଚାଦର, ହିମଖଣ୍ଡ, ହିମବାହ ଆଦି ସଙ୍କୁଚିତ ହେବାକୁ ଲାଗେ।

ସାରିକା: ହଁ ସୋଫିଆ, ମେରୁ ଅଞ୍ଚଳର ବରଫ ଅତ୍ୟନ୍ତ ଶୁଭ୍ର। ତା ମାନେ ଅଧିକାଂଶ ସୂର୍ଯ୍ୟ ଆଲୁଅ ସେଠି ପ୍ରତିଫଳିତ ହୋଇଥାଏ। ପୃଥିବୀର

ତାପମାତ୍ରା ସନ୍ତୁଳିତ ରଖିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧିକରୁ ଅଧିକ ବରଫ ତରଳି ପାଣି ହୋଇଗଲେ, ଶୁଭ୍ରତା କମିବ, ଅଧିକ ସୂର୍ଯ୍ୟ ଆଲୁଅ ଅବଶୋଷିତ ହେବ, ଫଳରେ ଉଷ୍ମାୟନ ପ୍ରକ୍ରିୟା ବଢ଼ିବ।

ଉମା: ସାରିକା, ଏ ବିଷୟରେ ଅଧିକ ଅଧ୍ୟୟନ ହୋଇ ପ୍ରକାଶିତ ନିବନ୍ଧ ମଧ୍ୟ ଦେଖିବା କଥା। ଉଷ୍ମ ତାପମାତ୍ରା ବହୁତ ପରିମାଣର ମୋଲିନ୍ ସୃଷ୍ଟି କରୁଛି। ଏହା ହିମପ୍ରବାହର ଉପରୁ ତଳଆଡ଼କୁ ପାଣିକୁ ନେଇଯାଏ।

କବି: ଏ ମୋଲିନ୍ କ'ଣ?

ସୋଫିଆ: ଏଗୁଡ଼ିକ ବରଫ ଉପରେ ପୃଷ୍ଠଭୂମିର ପାଣି ସୃଷ୍ଟି କରିଥିବା ଛୋଟ ଛୋଟ ନଳୀ। ଏହା ଯୋଗୁ ଭାସମାନ ଅବସ୍ଥାରେ ବରଫ ତରଳି ପାରେ। ଏସବୁ ବରଫସ୍ରୋତର ବେଗ ବଢ଼ାଏ। ବରଫ ଅଧିକ ତରଳେ ଏବଂ ହିମବାହ ସମୁଦ୍ର ଆଡ଼କୁ ଯାଏ।

ଉମା: ବଡ଼ ବରଫ ଖଣ୍ଡ ଭାଙ୍ଗିଗଲେ , ଏଗୁଡ଼ିକ ହିମଶୈଳ ରୂପରେ ମହାସାଗରରେ ଭାସିବାକୁ ଆରମ୍ଭ କରନ୍ତି।

ସୋଫିଆ: ହଁ ହଁ, ଉମା, ଆର୍ଟିକ ଅଞ୍ଚଳର ବରଫ ଚାଦର ସଙ୍କୁଚିତ ହେବା ଯୋଗୁ ମେରୁଭାଲୁ ଉପରେ ଖରାପ ପ୍ରଭାବ ପଡୁଛି । ସାମୁଦ୍ରିକ ବରଫରେ ଏହି ଚାଲାକ ପଶୁଟି ନିଜର ଖାଦ୍ୟ ଖୋଜିଥାଏ। ଏଠି ସେମାନେ ତାଙ୍କର ମୁଖ୍ୟ ଖାଦ୍ୟ ସିଲ୍ ଖୋଜନ୍ତି ।

ସାରିକା: କାନାଡାର ହରିକେନ୍ ଉପକୂଳକୁ ଦେଖ । ଗତ କୋଡ଼ିଏ ବର୍ଷ

ଭିତରେ ବରଫମୁକ୍ତ ସମୟ ପ୍ରାୟ ୨୦ ଦିନ ବଢ଼ିଯାଇଛି। ବସନ୍ତ ଋତୁରେ ବରଫ ବହୁତ ଶୀଘ୍ର ତରଳିଯାଏ , ସେଥିପାଇଁ ମେରୁଭାଲୁର ଶିକାର କରିବା ସମୟ ବି କମିଯାଉଛି। କାରଣ ସିଲ ଛୁଆ ଏହି ସମୟରେ ହିଁ ଜନ୍ମ ହୁଅନ୍ତି।

ଉମା: ସାରିକା, ତମେ ଏହି ପୂରା ନିବନ୍ଧଟିକୁ ପଢ଼। ତମେ ତ ଏହାର ସହଲେଖକ। ଏଠି କ'ଣ ଲେଖିଛ, ଆସନ୍ତା କିଛି ଦଶକରେ ସମୁଦ୍ର ପତନ ବଢ଼ିବା ଯୋଗୁ ଆଲାସ୍କାର ଗୋଟିଏ ଛୋଟ ଗାଁ ଶେଶମାରାଫ ପୂରା ବୁଡ଼ିଯିବ। ଏହା ଉପରେ କିଛି ତଥ୍ୟ ଅଛି କି?

ସୋଫିଆ: ହଁ ଉମା, ସେଠିକା ପିଇବା ପାଣି ସମୁଦ୍ର ପାଣି ଦ୍ୱାରା ଦୂଷିତ ହୋଇ ସାରିଲାଣି...

ଉମା: ଓହୋ, ମଧୁର ପିଇବା ପାଣି ସମୁଦ୍ର ପତନ ବଢ଼ିବା ଯୋଗୁ ଦୂଷିତ ହୋଇଗଲାଣି। ତା ମାନେ ସେଠି ଜୀବନ ଶେଷ ହେବା ଉପରେ...

କବି: ଆଚ୍ଛା, ଗ୍ରୀନଲାଣ୍ଡର ଅବସ୍ଥା କ'ଣ? ମୁଁ ଏହା ଉପରେ ଅନେକ ପଢ଼େ...

ସାରିକା: ଗ୍ରୀନଲାଣ୍ଡରେ ବରଫ ଦ୍ରୁତ ଗତିରେ ତରଳୁଛି। ୧୯୯୩ ମସିହାରୁ ୨୦୦୩ ମସିହା ଭିତରେ ବାର୍ଷିକ ବରଫ ତରଳିବା ହାର ହେଉଛି ୫୦ରୁ ୧୦୦ କୋଟି ଟନ୍, ଏବେ ଏହା ଆହୁରି ବଢ଼ୁଛି...

ସୋଫିଆ: ହଁ ସାରିକା, ଗ୍ରୀନଲାଣ୍ଡର ବରଫ ତରଳିବାକୁ ୧୯୭୯ ମସିହାରୁ ଉପଗ୍ରହ ମାଧ୍ୟମରେ ଅଧ୍ୟୟନ କରାଯାଉଛି। ୨୦୧୨ ମସିହା

ସେପ୍ଟେମ୍ବର ୪ ତାରିଖ ଦିନ ଆର୍ଟିକ ସାଗରର ବରଫ ଅଞ୍ଚଳ ୩୪ ଲକ୍ଷ ବର୍ଗ କିଲୋମିଟରକୁ କମିଯାଇଥିଲା। ୧୯୭୯-୨୦୦୦ର ହାରାହାରି ତୁଳନାରେ ଏହା ଶତକଡ଼ା ୫୦ ଭାଗ କମ୍। ବିଶେଷଜ୍ଞମାନଙ୍କ ମତରେ ସାମୁଦ୍ରିକ ବରଫର ପରିମାଣ କମିଯାଉଛି। ଦଶବର୍ଷ ତଳେ ଯାହା ପୂର୍ବାନୁମାନ ଲଗାଯାଇଥିଲା ଏହା ତା ଠାରୁ ଅଧିକ....

ଉମା: ସୋଫିଆ, ଦେଖ...୨୦୦୨ ମସିହାରେ ଆଣ୍ଟାର୍କଟିକାର ପୂର୍ବ ଉପକୂଳରେ ଯେଉଁ ବରଫ ଖଣ୍ଡ ମିଳିଥିଲା ସେସବୁ ଲାର୍‌ସନ୍ ବି ଆଇସ୍ ସ୍ତୁପରୁ ଅଲଗା ହୋଇଥିବା ୫୦ ହଜାର କୋଟି ଟନ୍ ବରଫର ଅଂଶ, ଏହା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଗଲା । ଛୋଟ ଖଣ୍ଡମାନ ଏପଟେ ସେପଟେ ଖେଳାଇ ହୋଇଯାଇ ମାସକ ଭିତରେ ପୂରା ଲୋପ ପାଇଗଲା।

ସାରିକା: ହଁ ଉମା ମ୍ୟାଡାମ, ଲାର୍‌ସନ୍ ଏ ବରଫସ୍ତୁପ ବି ବରଫ ସ୍ତୁପର ପ୍ରାୟ ଦୁଇ ତୃତୀୟାଂଶ ହେବ, ତାହା ୧୯୯୫ ମସିହାରେ ଗୋଟିଏ ଗଦାରେ ପରିଣତ ହୋଇଯାଇଥିଲା। ଗତ ପାଞ୍ଚ ବର୍ଷ ଭିତରେ ଲାର୍‌ସନ୍ ବି ସ୍ତୁପ ୫୭୦୦ ବର୍ଗ କିଲୋମିଟର ହରାଇ ସାରିଛି, ମାତ୍ର ଶତକଡ଼ା ୪୦ ଭାଗ ରହିଛି। ଗତ ପଚାଶ ବର୍ଷ ଭିତରେ ପୃଥିବୀର ଅନ୍ୟ ହିମସ୍ରୋତ ଭଳି ଆଣ୍ଟାର୍କଟିକାର ହିମସ୍ରୋତର ଶତକଡ଼ା ୮୦ ଭାଗ ସଙ୍କୁଚିତ ହୋଇଯାଇଛି।

ସୋଫିଆ: କେବଳ ତଥ୍ୟ ନୁହେଁ, ଆମର ଗୋଟିଏ ସହଯୋଗୀ ଦଳ ଲକ୍ଷ୍ୟ କରିଛନ୍ତି ଯେ ଆଣ୍ଟାର୍କଟିକାରେ ଦେଖାଯାଉଥିବା ଗୋଟିଏ ଛୋଟ ମାଛ

୧୯୭୦ ମସିହାରୁ ଶତକଡ଼ା ୮୦ ଭାଗ କମିଗଲାଣି। ବୋଧହୁଏ ୧୯୫୦ ମସିହାରେ ତାପମାତ୍ରା ମାତ୍ର ୨ .୫ ଡିଗ୍ରୀ ବଢ଼ିବା ଯୋଗୁ ଏପରି ହୋଇଛି। ଅନେକ ଜୀବଙ୍କର ମୁଖ୍ୟ ଖାଦ୍ୟ ହେଉଛି କ୍ରିଲ ନାମକ ମାଛ, କ୍ରିଲ ସଂଖ୍ୟା କମିବାରୁ ମତ୍ସ୍ୟ ବ୍ୟବସାୟ ମଧ ପ୍ରଭାବିତ ହୋଇଛି।

କବି: ଆଚ୍ଛା ମତେ କୁହନ୍ତୁ ତ ଯାହା କିଛି ବି ହେଉଛି କ'ଣ କେବଳ ଅଙ୍ଗାରକାମ୍ଳ ଏଥିପାଇଁ ଦାୟୀ?

ଉମା: ଅବଶ୍ୟ ଅନେକ କାରକ ରହିଛି ଏବଂ ଅନେକ ସବୁଜକୋଠରୀ ବାଷ୍ପ ରହିଛି। କିନ୍ତୁ ଜୀବାଶ୍ମ ଇନ୍ଧନ ଜାଳିବା ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବଢୁଛି। ଏହି ଅଙ୍ଗାରକାମ୍ଳ ସମୁଦ୍ର ଦ୍ୱାରା ଅବଶୋଷିତ ହେଉଛି। ସେଥିପାଇଁ ସମୁଦ୍ର ଅଧିକ ଅମ୍ଳୀୟ ହେଉଛି। ସାମୁଦ୍ରିକ ଜୀବଙ୍କ କଙ୍କାଳ ଏବଂ ଶାମୁକା ଗଠନରେ ଏହା ବାଧା ଦେଉଛି। କାରଣ ଅଧିକ ଅମ୍ଳୀୟ ହେବା ଯୋଗୁ ଶାମୁକା ଏବଂ କଙ୍କାଳ ମିଳାଇ ଯାଉଛି।

ସୋଫିଆ: ଠିକ କହିଛ ଉମା। ଏବେ ଦେଖ, ଗ୍ରେଟ ବ୍ୟାରିଅର୍ ରିଫ୍ ପୃଥିବୀର ସବୁଠାରୁ ବଡ଼ ଜୈବିକ ଗଠନ। ଏହା ଗୋଟିଏ ବିରାଟ ପରିସ୍ଥିତିକୀ, ଏଠି ୧୫୦୦ରୁ ଅଧିକ ମାଛ, ୪୦୦ରୁ ଅଧିକ ପ୍ରଜାତିର ପ୍ରବାଳ ମିଳନ୍ତି। ଗତ ୫୦ ବର୍ଷ ଭିତରେ ଏହା ଅଧା ହୋଇଗଲାଣି। ୧୯୯୦ ମସିହାଠାରୁ ଏହା ଶତକଡ଼ା ୧୪ ଭାଗ କମିଗଲାଣି। ଅମ୍ଳୀୟକରଣ ଏହାର ଗୋଟିଏ ମୁଖ୍ୟ କାରଣ।

କବି: ହୁମ୍‌ମ୍.....

ଉମା: ହୁଁ କ'ଣ... ଆମେ ତମକୁ ଏତେ ସବୁ କଥା କହୁଛୁ, ସେସବୁକୁ ତମ ସାହିତ୍ୟରେ କିଛି ସ୍ଥାନ ଦିଅ।

କବି: ମୁଁ ଲେଖିବି... ନିଶ୍ଚୟ ଲେଖିବି... କିନ୍ତୁ ମୁଁ ଆଉ କିଛି ତଥ୍ୟ ଏକାଠି କରେ...

ସୋଫିଆ: କବିବାବୁ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବଢ଼ିବା ଯୋଗୁ ଏହା ସିଧାସଳଖ ଖାଦ୍ୟର ପୋଷକ ଗୁଣ ଉପରେ ପ୍ରଭାବ ପକାଉଛି । ଅଙ୍ଗାରକାମ୍ଳ ଅଧିକ ରହିଲେ, ପତ୍ର କମ୍ ଯବକ୍ଷାରଜାନ ଗ୍ରହଣ କରିବ । ଏହା ଫଳରେ କୋଏଲା, ପାଣ୍ଡା ଭଳି ଜୀବ ଯେଉଁମାନେ ଏହା ଉପରେ ନିର୍ଭର କରନ୍ତି ଯଥେଷ୍ଟ ପୋଷକତତ୍ତ୍ୱ ପାଇବେନାହିଁ, ଧୀରେ ଧୀରେ ଏହି ପ୍ରଜାତି ଲୋପ ପାଇଯିବେ।

ଉମା: ଏବେ ଫଳ ପନିପରିବା କଥା ଦେଖ। ପ୍ରତି ଗଛ, ଫୁଲ, ଫଳ ଆଦି ପୃଥିବୀର ସବୁ ଅଞ୍ଚଳରେ ସେଠିକାର ପରିବେଶ ଆଉ ଜଳବାୟୁକୁ ନେଇ ବିକଶିତ ହୋଇଥାନ୍ତି। ସେଥିପାଇଁ ଅଲଗା ଅଲଗା ଋତୁରେ ଅଲଗା ଫଳ ପନିପରିବା ମିଳେ। ଯଦି ଜଳବାୟୁ ପରିବର୍ତ୍ତନ ଏହିପରି ଚାଲୁ ରହେ, ତାହେଲେ ଶସ୍ୟ ଉତ୍ପାଦନ ବି ବହୁତ କମିଯିବ।

ସାରିକା: ଯଦି ଭାରତର ହାରାହାରି ତାପମାତ୍ରା ବଢ଼ିଚାଲେ, ତାହେଲେ ଭାରତର ଖାଦ୍ୟ ସୁରକ୍ଷା ଏବଂ ଜଳସ୍ରୋତ ସବୁଠାରୁ ଅଧିକ ପ୍ରଭାବିତ ହେବ। ଗରମ ମାଟି ଯୋଗୁ ଜଳଚକ୍ର ବଦଳିଯାଉଛି। ଏହା ମଧ୍ୟ ଶସ୍ୟର ଚକ୍ରକୁ ପ୍ରଭାବିତ କରୁଛି। ପୃଥିବୀର ଅଧିକାଂଶ ଅଞ୍ଚଳ କୃଷି ଉପରେ ନିର୍ଭର କରନ୍ତି। ଭାରତରେ ଶତକଡ଼ା ୬୦ ଭାଗ କୃଷି ବୃଷ୍ଟିପାତ ଉପରେ

ନିର୍ଭର କରେ।

ସୋଫିଆ: ଦେଖାଯାଇଛି ଯେ ୨୦୦୯ ମସିହାରେ ମୌସୁମୀ ବୃଷ୍ଟି କମିଯିବାରୁ ଉତ୍ପାଦନ ଶତକଡ଼ା ୨୦ ଭାଗ କମିଯାଇଥିଲା। ୨୦୦୯ ମସିହାରେ ମରୁଡ଼ି ଏବଂ ପ୍ରବଳ ବନ୍ୟା ଯୋଗୁ ଉତ୍ପାଦନ କମିଥିଲା। ରବିଜାତୀୟ ଶସ୍ୟ, ତୈଳବୀଜ, ଆଖୁ, ପିଆଜ ଏବଂ ଆଳୁ ଆଦିର ଉତ୍ପାଦନରେ ଯାହା କ୍ଷତି ହୋଇଥିଲା ଆଜି ଯାଏ ବି ଭରଣା ହୋଇପାରିନାହିଁ। ସେଥିପାଇଁ ଏସବୁର ମୂଲ୍ୟ ଆକାଶ ଛୁଉଁଛି।

କବି: ଏଥିରେ ଚାଷୀ ପ୍ରଭାବିତ ହେଉଛନ୍ତି।

ଉମା: କୃଷିଜାତ ପଦାର୍ଥର ବିତରଣ ବ୍ୟବସ୍ଥା ଠିକ ନ ଥିବାରୁ ଖାଦ୍ୟ ପଦାର୍ଥର ମୂଲ୍ୟ ବଢ଼ୁଛି ଏବଂ ଦାରିଦ୍ର୍ୟ ବି ବଢ଼ୁଛି । ଏବେ ସରକାର ଏଥିରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି। ବିତରଣ ବ୍ୟବସ୍ଥା ସିଧାସଳଖ ଚାଷୀଙ୍କ ହାତରେ ଦେବା ପାଇଁ ଯୋଜନା କରୁଛନ୍ତି।

ସାରିକା: ଆଉ ଗୋଟିଏ କଥା। ଜାତିସଂଘର ଖାଦ୍ୟ ଏବଂ କୃଷି ଅନୁଷ୍ଠାନ ଏଫଏଓ ହିସାବ କରିଛି ଯେ ଆଜି ଖାଲି ପେଟରେ ଶୋଉଥିବା ଗରିବଙ୍କ ସଂଖ୍ୟା ଦଶଲକ୍ଷରୁ ଅଧିକ। ଆଉ ଅସମ ବିତରଣ ହିଁ ଏହାର ମୁଖ୍ୟ କାରଣ। ଗହମ, ଚାଉଳ, ଡାଲି ଭଳି ମୁଖ୍ୟ ଖାଦ୍ୟର ମୂଲ୍ୟ ବହୁତ ଅଧିକ ହୋଇଯାଇଛି। ଏହା ଉପରେ ପୁଣି ଜଳବାୟୁ ପରିବର୍ତ୍ତନର ଭୟ ରହିଛି, କୃଷି ଉତ୍ପାଦନ କମୁଛି। ସେଥିପାଇଁ ଖାଦ୍ୟ ସୁରକ୍ଷା ଆମ ପାଇଁ ଗୋଟିଏ ବଡ଼ ଆହ୍ୱାନ ହୋଇଛି।

କବି: ସାରିକା ମ୍ୟାଡାମ, ମୁଁ ପଢ଼ିଥିଲି ଯେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ଗୋଟିଏ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ବିଶ୍ୱ ସ୍ତରୀୟ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଶ୍ଳେଷଣ କରାଯାଇ ଭାରତର କୃଷି ଉପରେ ଏହାର ପ୍ରଭାବ ଦେଖାଯିବ। ୧୫ଟି ଅନୁଷ୍ଠାନ ଏକାଠି ହୋଇ ମତ ଦେଇଛନ୍ତି ଯେ ଯଦି ନୂଆ କାରିଗରୀ କୌଶଳ ବିକଶିତ କରା ନ ଯାଏ, ତେବେ ତାପମାତ୍ରା ୧ ଡିଗ୍ରୀ ବଢ଼ିଲେ ୬୦ ଲକ୍ଷ ଟନ୍ ଗହମ ଉତ୍ପାଦନ କମିବ...

ସୋଫିଆ: ଆପଣ ଠିକ କହିଛନ୍ତି ଡ. କବି। ଆଉ ଯଦି ଆର୍ଥିକ କ୍ଷତି ହିସାବ କରାଯାଏ ତେବେ ପ୍ରତି ବର୍ଷ ପ୍ରାୟ ୭୫୦୦ କୋଟି ଟଙ୍କା କ୍ଷତି ହେବ। ଅନ୍ୟ ଫସଲରେ ବି ଏହିଭଳି କ୍ଷତି ଆକଳନ କରାଯାଇଛି। ଯଦି ଚାଷୀର ମୋଟ କ୍ଷତି ଆକଳନ କରାଯାଏ ତେବେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କା ହେବ। ଏତେ କ୍ଷତି ଭରଣା କରିବା ସହଜ ନୁହେଁ...

ଉମା: ସୋଫିଆ, ବୈଜ୍ଞାନିକଙ୍କ ମତରେ ଆସନ୍ତା ଦଶ ବର୍ଷ ଭିତରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଗହମ ଉତ୍ପାଦନ ୩.୯ କୋଟି ଟନ କମିବ। ସେମାନଙ୍କ ମତରେ ଶୀଘ୍ର ଉତ୍ପାଦନ ଦେଉଥିବା ଶସ୍ୟ ବିକଶିତ କରିବା ଜରୁରୀ। ଚାଷୀମାନେ ତାକୁ ଗ୍ରହଣ ନ କଲେ ଅବସ୍ଥା ସମ୍ଭାଳିବା ମୁସ୍କିଲ ହେବ।

ସାରିକା: ଉମା ମ୍ୟାଡାମ, କୃଷି ବିଜ୍ଞାନୀମାନେ କରିଥିବା ଅଧ୍ୟୟନ ଅନୁସାରେ ଖରିଫ ଋତୁରେ ହେଉଥିବା ଧାନ ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନ ବହୁତ ଖରାପ ପ୍ରଭାବ ପକାଇବ। ୨୦୨୦

ମସିହା ସୁଦ୍ଧା ଧାନ ଉତ୍ପାଦନ ଶତକଡ଼ା ୬.୭ ଭାଗ କମିଯିବ ଏବଂ ୨୦୫୦ ମସିହା ବେଳକୁ ଶତକଡ଼ା ୧୫ ଭାଗ କମିବ। ଏହି ଶତାବ୍ଦୀର ଶେଷ ବେଳକୁ ତ ଏହା ୨୮ ଭାଗ କମିବ।

ସୋଫିଆ: ସାରିକା, କେବଳ ସେତିକି ନୁହେଁ, ଯଦି ହାରାହାରି ତାପମାତ୍ରା ୧ରୁ ୪ ଡିଗ୍ରୀ ବଢ଼ିଯିବ, ତେବେ ଆଳୁ ଶତକଡ଼ା ୫ରୁ ୪୦ ଭାଗ, ସୋୟାବିନ ଉତ୍ପାଦନ ଶତକଡ଼ା ୧୧ରୁ ୩୬ ଭାଗ କମିଯିବ। ଏଥିରୁ ଆମେ ଚିନ୍ତା କରିପାରିବା ଯେଉଁଠି ଏବେ ବି ଲକ୍ଷ ଲକ୍ଷ ଲୋକ ଭୋକ ଉପାସରେ ଅଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ସେମାନଙ୍କ ଅବସ୍ଥା କ'ଣ ହେବ।

କବି: ତା ମାନେ ପକଡ଼ି ବନ୍ଦ...

ଉମା: ନିଶ୍ଚିତ ଭାବରେ...

କବି: ତାହେଲେ ମୁଁ ଯାଉଛି ତିଆରି କରିବି...

ଉମା: (ହସି ହସି) ତମେ ବସ। ମୁଁ କରି ଆଣୁଛି। କିନ୍ତୁ କଫି ବଦଳରେ ଚା ଆଣିବି।

ସାରିକା: ହଁ ପକଡ଼ି ସାଙ୍ଗରେ ଚା ହିଁ ଠିକ ରହିବ।

(ଉମା ଯିବାର ଶବ୍ଦ)

କବି: ଡ. ସୋଫିଆ, କ୍ଷୀର ଉତ୍ପାଦନରେ ବି କ'ଣ ପ୍ରଭାବ ପଡ଼ିବ?

ସୋଫିଆ: ହଁ ଡ. କବି। ଜଳବାୟୁ ପରିବର୍ତ୍ତନର ଗୋଟିଏ ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ପ୍ରଭାବ ହେଉଛି ଦୁଗ୍ଧ ଉତ୍ପାଦନ। ଜଳବାୟୁ ପରିବର୍ତ୍ତନ ଯୋଗୁ

ଭାରତରେ ଦୁଗ୍ଧ ଉତ୍ପାଦନ ପ୍ରାୟ ୧୮ ଲକ୍ଷ ଟନ୍ କମିଛି। ଏହାର ମୁଖ୍ୟ କାରଣ ହେଉଛି ସଙ୍କର ଜାତୀୟ ପଶୁ ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇ ପାରୁନାହାନ୍ତି। ବିଜ୍ଞାନୀଙ୍କ ମତରେ ୨୦୫୦ ବେଳକୁ ଦୁଗ୍ଧ ଉତ୍ପାଦନ ୫ କୋଟି ଟନ୍ କମିଯିବ, ଆମ ଦେଶୀୟ ଗାଈ ମଇଁଷିଙ୍କ ତୁଳନାରେ ସଙ୍କର ଜାତୀୟ ଗାଈ ଓ ମଇଁଷି ପ୍ରଭାବିତ ହେବେ।

ସାରିକା: ଡ. କବି, ଆହୁରି ମଧ୍ୟ ଜଣାଯାଇଛି ଯେ ସମୁଦ୍ର ପତନ ପ୍ରାୟ ୧୦ ସେଣ୍ଟିମିଟର ଉପରକୁ ଉଠିଯାଉଛି। ପରିବେଶବିତ୍‌ମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଅଙ୍ଗାରକାମ୍ଳ ଏବଂ ଅନ୍ୟ ସବୁଜକୋଠରୀ ବାଷ୍ପ ଏହିଭଳି ବଢ଼ିଚାଲେ ତେବେ ତାପମାତ୍ରା ଆହୁରି ବଢ଼ିବ ଏବଂ ବରଫ ତରଳିବ। ଫଳରେ ଉପକୂଳ ଅଞ୍ଚଳ ସମୁଦ୍ରରେ ବୁଡ଼ିଯିବ। ଭୂତଳ ଜଳସ୍ରୋତକୁ ଖରାପ କରିଦେବ ଏବଂ ମାଟି ବି ଆଉ ଚାଷୋପଯୋଗୀ ହୋଇ ରହିବନାହିଁ।

ଉମା: (ଦୂରରୁ) କେବଳ ସେତିକି ନୁହେଁ, ହେନ୍ତାଳ ବଣ ବି ପ୍ରଭାବିତ ହେବ। ଏସବୁ ହେଉଛି ପୃଥିବୀର ତାପମାତ୍ରା ବଢ଼ିବା ଯୋଗୁ।

କବି: ଉମା, ତମେ ଏଠିକି ଆସ, ବାକି କାମ ମୁଁ କରିଦେବି। (ହସି ହସି) ଗୋଟିଏ କଥା ତ ସ୍ପଷ୍ଟ ହୋଇଗଲା ଯେ ଏସବୁ ପାଇଁ ମଣିଷର କ୍ରିୟାକଳାପ ହିଁ ଦାୟୀ। ନିଜର ଲୋଭ ପାଇଁ ସେ ପ୍ରାକୃତିକ ସମ୍ପଦର ଏହିଭଳି ଦୋହନ କରିଚାଲିଛି। ଗାନ୍ଧିଜୀ ଠିକ କହିଥିଲେ ଯେ ପ୍ରକୃତିରେ ମଣିଷ ପାଇଁ ଯଥେଷ୍ଟ ସମ୍ପଦ ରହିଛି, କିନ୍ତୁ ତା'ର ଲୋଭ ପାଇଁ ନୁହେଁ। ବର୍ତ୍ତମାନ ଅବସ୍ଥାରେ ଶତକଡ଼ା ମାତ୍ର ୨ ଭାଗ ଲୋକଙ୍କ ପାଖରେ ୮୦

ଭାଗ ସମ୍ପଦ ରହିଛି। ଏହାକୁ ଲୋଭ କହିବା ନାହିଁ ତ ଆଉ କ'ଣ କହିବା?

ସାରିକା:  ବଢ଼ିଆ କଥା କହିଲେ ଡ. କବି। ଆମେ ଏବେ ବି ଗରମ ଅନୁଭବ କଲେଣି। ଏହି ଗରମ ଯୋଗୁ ଉତ୍ତର ମେରୁର ବରଫ ତରଳିବ। ୧୯୭୦ ମସିହାରୁ ହିମାଳୟର ହିମବାହ ସବୁ ବର୍ଷକୁ ୧୫ ମିଟର ହାରରେ ପଛକୁ ଘୁଞ୍ଚି ଚାଲିଛନ୍ତି। ପ୍ରତିବର୍ଷ ୧୭୦୦ରୁ ଅଧିକ ପ୍ରଜାତିର ଜୀବଜନ୍ତୁ, ଗଛଲତା, କୀଟପତଙ୍ଗ ଆଦି ପ୍ରଭାବିତ ହେଉଛନ୍ତି। ପାଣିପାଗ ବଦଳି ଯାଉଛି। ମହାରାଷ୍ଟ୍ର ବା ଗୁଜରାଟରେ ଏହା ଦେଖା ନ ଯାଉଥାଇ ପାରେ, କିନ୍ତୁ ରାଜସ୍ଥାନରେ ବନ୍ୟା ଆଉ ଉତ୍ତର-ପୂର୍ବାଞ୍ଚଳରେ ମରୁଡ଼ି ସ୍ପଷ୍ଟ ଦେଖାଯାଉଛି...

କବି:  ଆମେ ଗୋଟିଏ ଭ୍ରାନ୍ତ ଚକ୍ରରେ ଫସିଯାଇଛେ। କାଲି ମୁଁ ପଢୁଥିଲି ଯେ ଯଦି ଅଙ୍ଗାରକାମ୍ଳ ଆଦି ବାଷ୍ପର ଉତ୍ସର୍ଜନ ଶତକଡ଼ା ୩୦ ଭାଗ କମିଯାଏ, ତେବେ ବି ଦରିଦ୍ରଙ୍କ ସଂଖ୍ୟା ୧୭ .୫ ହାରରେ ବଢ଼ିବ। ବାସ୍ତବତା ହେଉଛି ଘରେ, ଅଫିସରେ, ଗାଡ଼ିମଟରରେ କୋଇଲା , କିରୋସିନି, ପ୍ରାକୃତିକ ବାଷ୍ପ, ପେଟ୍ରୋଲ ଭଳି ଜୀବାଶ୍ମ ଇନ୍ଧନ ଜାଳିବା ଯୋଗୁ ମଣିଷର ଭବିଷ୍ୟତ ସଙ୍କଟରେ...

ଉମା: (ରୋଷେଇ ଘରୁ) ସେଥିପାଇଁ ବୈଜ୍ଞାନିକ ଆଉ ଅର୍ଥନୀତିଜ୍ଞମାନେ ମିଶି ଏସବୁ ବାଷ୍ପର ଉତ୍ସର୍ଜନ କମାଇବା ପାଇଁ ଚେଷ୍ଟା କରୁଛନ୍ତି..

ସୋଫିଆ:  ଏବେ ହଲାଣ୍ଡର ତାପମାତ୍ରା ବୃଦ୍ଧି କଥା ଦେଖନ୍ତୁ । ପ୍ରଜାପତି ଆଉ ସଁବାଳୁଆ ମାସେ ଆଗରୁ ଆସିଗଲେ। କଳା ଟର୍ଣ୍ଣ ନାମକ ଗୋଟିଏ

ପ୍ରଜାତିର ଚଢ଼େଇ ଛୁଆ ଏମାନଙ୍କୁ ଖାଆନ୍ତି। ମାସେ ପରେ ଅଣ୍ଡାରୁ ଫୁଟି ବାହାରିଲା ବେଳକୁ ସେମାନଙ୍କ ପାଇଁ ଆଉ ଖାଦ୍ୟ ନାହିଁ। କାରଣ ସଁବାଳୁଆ ପ୍ରଜାପତି ହୋଇସାରିଲାଣି। ସେଥିପାଇଁ ହଲାଣ୍ଡରେ କଳା ଟର୍ଣ୍ଣ ପକ୍ଷୀ ଲୋପ ପାଇଲେଣି।

ଉମା: ପକଡ଼ି ଆସିଗଲା।

ସାରିକା:  ଆପଣ ବସନ୍ତୁ ମ୍ୟାଡାମ, ମୁଁ ଦେଇଦେଉଛି।

ଉମା: ଡ. କବି, ଏବେ ଆପଣ କ'ଣ କହୁଛନ୍ତି, ବିଶ୍ୱ ଉଷ୍ମାୟନ ଆଉ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚା ଜାରି ରଖିବା? ରିପୋର୍ଟର ୮୦ ଭାଗ ଏଯାଏଁ ପଢ଼ା ହୋଇନାହିଁ।

କବି:  ନା ନା ଉମା। ମୁଁ ଆପଣମାନଙ୍କ କଠିନ ପରିଶ୍ରମ, ପରିବେଶକୁ ରକ୍ଷା କରିବା ପାଇଁ ପ୍ରଚେଷ୍ଟା ଦେଖିପାରୁଛି। ପୃଥିବୀକୁ ରକ୍ଷା କରିବା ଦାୟିତ୍ୱ କେବଳ ଆପଣମାନଙ୍କର ନୁହେଁ। ଆମର ବି। ମୁଁ ମୋର ପରବର୍ତ୍ତୀ ଉପନ୍ୟାସରେ ବିଶ୍ୱ ଉଷ୍ମାୟନ ଏବଂ ସଙ୍କଟରେ ଜୀବନ ଉପରେ ଲେଖିବି।

ସୋଫିଆ:  ଆରେ ବାଃ... ବୈଜ୍ଞାନିକଙ୍କ କଠିନ ପରିଶ୍ରମ କଥା ଆପଣ ଆପଣଙ୍କ ଉପନ୍ୟାସରେ ଲେଖିବେ...

(ସମସ୍ତେ ହସୁଛନ୍ତି)

ସାରିକା:  ଡ. କବି, ଆପଣ ଆମ ବିଷୟରେ ଲେଖନ୍ତୁ କି ନାହିଁ, କିଛି ନାହିଁ, କିନ୍ତୁ ପୃଥିବୀର ସଙ୍କଟ ଏବଂ ସେଥିରୁ ଉଦ୍ଧାର ପାଇବାର ବାଟ

ବିଷୟରେ ନିଶ୍ଚୟ ଲେଖନ୍ତୁ।

କବି: ମନେହେଉଛି ଆପଣମାନେ ମିଶି ମତେ ଜଣେ କଳ୍ପବିଜ୍ଞାନ ଲେଖକ କରିଦେବେ।

ଉମା: କିଛି ବିଜ୍ଞାନ ତଥ୍ୟ ଦେଇ ଉପନ୍ୟାସ ଲେଖ। ସେଥିରେ କିଛି ପ୍ରାସଙ୍ଗିକ ରହୁ।

କବି: ତା ମାନେ ମୁଁ ଯାଏଁ ଅପ୍ରାସଙ୍ଗିକ କଥା ଲେଖୁଥିଲି...

ସାରିକା/ସୋଫିଆ:ଡ. କବି, ରାଗନ୍ତୁନାହିଁ। ପକଡ଼ି ଗରମ ଅଛି, ଥଣ୍ଡା ହେବା ଆଗରୁ ଖାଇ ନିଅନ୍ତୁ।